The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 16 CUTTACK, FRIDAY, JANUARY 1, 2016/PAUSA 11, 1937**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ତାରିଖ 22 ଜୁଲାଇ 2015

ସଂଖ୍ୟା 21131—RDM-LAA-JAJ-0005-2013-ରାବିପ.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେଙ୍ଗାଳି ଜଳସେଚନ ଯୋଜନାର କୋରେଇ ବ୍ରାଞ୍ଚ କେନାଲ ନିମନ୍ତେ ସରକାର, ସରକାରୀ ବ୍ୟୟରେ ମୌଜା ଶ୍ୟାମପୁର, ଥାନା କୋରେଇ ନଂ. ୯୬, ଜିଲ୍ଲା ଯାଜପୁରରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି; ତେଣୁ ଏତଦ୍ୱାରା ଘୋଷଣା କରାଯାଉଅଛି କି ଉପରୋକ୍ତ ଉଦ୍ଦେଶ୍ୟରେ ପ୍ରାୟ 3.84 ଏକର ପରିମିତ ଭୂମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894ର ଅଧିନିୟମ ଧାରା 6(1)ର ବ୍ୟବସ୍ଥାନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଭୂ-ଅର୍ଜନ ଆଇନର 4(1) ଧାରା ଅନୁଯାୟୀ ଅଧିସୂଚନା ସଂଖ୍ୟା 3703-ରାବିପ., ତା 1 ଫେବ୍ରୁୟାରୀ 2013 ରିଖ ଏବଂ ଓଡିଶା ରାଜପତ୍ର ସଂଖ୍ୟା 981, ତା 16 ଜୁନ 2014 ରିଖରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମା ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଭୂମିର ଏକ ନକ୍ସା, ସ୍ୱତନ୍ତ୍ର ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ ଅଧିକାରୀ, ରେଙ୍ଗାଳି ଜଳସେଚନ ଯୋଜନା, ବାଘୁଆବୋଲ, ତାଳଚେରଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz.1317—173+20